

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବର ପ୍ରଥମ ଶୁଣାଣି ଡିସେମ୍ବର ୪ରେ ଅନୁଷ୍ଠିତ ହେବ। ଏଥିପାଇଁ ଟ୍ରମ୍ପଙ୍କୁ କଂଗ୍ରେସର ଜୁଡିସିଆରୀ କମିଟିରେ ହାଜର ହେବାକୁ ଆମନ୍ତ୍ରଣ କରାଯାଇଛି। ଟ୍ରମ୍ପ ବ୍ୟକ୍ତିଗତ ଭାବେ ହାଜର ହୋଇପାରିବେ କିମ୍ବା ତାଙ୍କର କୌଣସି ଅଫିସରଙ୍କୁ ପଠାଇପାରିବେ ବୋଲି ଉକ୍ତ ଗୃହ କମିଟିର ଡେମୋକ୍ରାଟ୍ ଅଧକ୍ଷ ଜେରୋଲ୍ଡ ନାଡଲର କହିଛନ୍ତି। ଯଦି ଟ୍ରମ୍ପ ଶୁଣାଣିରେ ଉପସ୍ଥିତ ନ ରୁହନ୍ତି ତେବେ ସେ ମହାଭିଯୋଗ ତଦନ୍ତ ପ୍ରକ୍ରିୟାକୁ ନେଇ ପ୍ରତିବାଦ କରିପାରିବେ ନାହିଁ। ଜୁଲାଇ ମାସରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କିଙ୍କ ସହ ଟ୍ରମ୍ପଙ୍କ ଫୋନ୍ କଲ୍‌କୁ ନେଇ ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆସିଥିଲା।

### ମାହାଙ୍ଗା ରାସ୍ତା ନିର୍ମାଣରେ ଦୁର୍ନୀତି ଅଭିଯୋଗ

# ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

କଟକ ପୂର୍ତ୍ତ ଡିଭିଜନ-୨ ଅନ୍ତର୍ଗତ ସାଲେପୁର ସବ୍‌ଡିଭିଜନର ମାହାଙ୍ଗା ସେକ୍ସନରେ ହୋଇଥିବା ରାସ୍ତା ନିର୍ମାଣ ଟେଣ୍ଡର ଦୁର୍ନୀତିର ତଦନ୍ତ କରିବାକୁ ଲୋକାୟୁକ୍ତ ବୁଧବାର ଭିଜିଲାନ୍ସକୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ୬ ମାସ ମଧ୍ୟରେ ତଦନ୍ତ ସାରି ରିପୋର୍ଟ ଦାଖଲ କରିବାକୁ କୁହାଯାଇଛି।

ଉକ୍ତ ସେକ୍ସନରେ ବିଭିନ୍ନ ରାସ୍ତା ନିର୍ମାଣ ପାଇଁ ହୋଇଥିବା ଟେଣ୍ଡରରେ ୭,୭୯,୩୬,୦୨୭ ଟଙ୍କାର ଅର୍ଥ ତୋସରପାତ ହୋଇଥିବା ଅଭିଯୋଗ ହୋଇଥିଲା। କେଉଁ ପରିସ୍ଥିତିରେ ବିନା ଟେଣ୍ଡରରେ ଏତେ ଟଙ୍କାର କାର୍ଯ୍ୟାଦେଶ ଦିଆଗଲା ତାହା ଜଣାଇବାକୁ କଟକ ଆର ଆଣ୍ଡ ବି ଡିଭିଜନ-୨ର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଲୋକାୟୁକ୍ତଙ୍କ ପକ୍ଷରୁ ନୋଟିସ ଜାରି କରାଯାଇଥିଲା। ଏଥିସହିତ ଏହି ଘଟଣା ପାଇଁ ପୂର୍ତ୍ତ ବିଭାଗର ମନ୍ତ୍ରୀଙ୍କୁ ମଧ୍ୟ ଲୋକାୟୁକ୍ତ ନୋଟିସ ଜାରି କରିଥିଲେ। ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଜଣାଇଥିଲେ ଯେ ୨୦୧୫-୧୬ରୁ ୨୦୧୮-୧୯ ମଧ୍ୟରେ ମାହାଙ୍ଗା ସେକ୍ସନରେ ହୋଇଥିବା ଟେଣ୍ଡର କେତେକ କ୍ଷେତ୍ରରେ ଅଧିକ ଟଙ୍କାର ଟେଣ୍ଡରକୁ ୫ ଲକ୍ଷରୁ କମ ଟଙ୍କାରେ ଭାଗ କରାଯାଇଥିଲା। ଏ ନେଇ କୌଣସି ବିଜ୍ଞାପନ ଦିଆଯାଇ ନ ଥିଲା। ବିଭାଗୀୟ ମନ୍ତ୍ରୀ ମଧ୍ୟ ଜଣାଇଥିଲେ ଯେ ଏହି ଘଟଣା ଜଣାପଡିବା ପରେ ପୂର୍ତ୍ତ ସଚିବଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ୨୦୧୯ ନଭେମ୍ବର ୨୦ ତାରିଖରେ ଘଟଣାର ତଦନ୍ତ କରାଯାଇଥିଲା। ମୁଖ୍ୟ ଯନ୍ତ୍ରୀ (ଡିପିଆଇ ଆଣ୍ଡ ରୋଡ୍‌ସ) ଏବଂ ପ୍ରଧାନ ଯନ୍ତ୍ରୀ ତାଙ୍କ ରିପୋର୍ଟରେ ଅଭିଯୋଗର ପ୍ରାଥମିକ ତଦନ୍ତ ପରେ ଘଟଣାରେ ସତ୍ୟତା ଥିବା ଜଣାଇଥିଲେ। ତଦନ୍ତ ରିପୋର୍ଟରେ ଯେ କେବଳ ରାସ୍ତା ନିର୍ମାଣ ଅର୍ଥ ହଡପ ହୋଇ ନ ଥିଲା ରାସ୍ତାର ମାନ ଅତ୍ୟନ୍ତ ନିମ୍ନମାନର ଥିଲା ବୋଲି ଜଣାପଡିଛି। ତେବେ ଅନିୟମିତତାରେ ସାମିଲ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କୌଣସି ଆପରାଧିକ ମାମଲା ରୁଜୁ ହୋଇ ନାହିଁ। ଓଡିଶା ଲୋକାୟୁକ୍ତ ଆଇନର ସେକ୍ସନ-୨୦(୬) ଅନୁଯାୟୀ ଲୋକାୟୁକ୍ତ ଅଧକ୍ଷ ଏହି ଘଟଣାର ତଦନ୍ତ କରିବାକୁ ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ତଦନ୍ତ ୬ ମାସ ମଧ୍ୟରେ ଶେଷ କରି ଏ ସମ୍ପର୍କିତ ସମସ୍ତ କାଗଜପତ୍ର ସିଲ୍ କଭର ମଧ୍ୟରେ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## 'ଗବେଷଣା ଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ଅଭିବୃଦ୍ଧି ହାସଲ ସମ୍ଭବ'

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଗବେଷଣା ଲବ୍ଧ ଜ୍ଞାନ ଦ୍ୱାରା ଦେଶର ଅର୍ଥନୀତିରେ ବ୍ୟାପକ ଅଭିବୃଦ୍ଧି ସହିତ ପ୍ରଗତି ହାସଲ କରିହେବ ବୋଲି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। କୃଷି ଭବନଠାରେ ବୁଧବାର ଓଡ଼ିଶା ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଏବଂ ଅଭିନବୀକରଣ ପ୍ରୋତ୍ସାହନ ଯୋଜନାରେ ଯୁବ ଗବେଷକଙ୍କୁ ସିଡ୍ ଫଣ୍ଡିଂ ଓ ରିସର୍ଚ୍ଚ ଫେଲୋସିପ୍ ପ୍ରଦାନ ଅବସରରେ ମନ୍ତ୍ରୀ ସାହୁ କହିଛନ୍ତି ଯେ, ଆମେରିକା, ଫ୍ରାନ୍ସ ଏବଂ ଚାଇନା ଭଳି ବିକଶିତ ଦେଶଗୁଡ଼ିକରେ ଘରୋଇ ଜିଡିପିର ୨.୨୫ରୁ ଅଧିକ ଅର୍ଥ ଗବେଷଣା ନିମନ୍ତେ ଖର୍ଚ୍ଚ କରାଯାଉଥିବାବେଳେ ଭାରତରେ ଜିଡିପିର ୦.୬୨ ପ୍ରତିଶତ ଖର୍ଚ୍ଚ କରାଯାଉଛି। ସେହିପରି ଏହିସବୁ ଦେଶ ତୁଳନାରେ ଭାରତରେ କମ୍ ସଂଖ୍ୟକ ଲୋକ ଗବେଷଣା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବିଶ୍ୱବିଦ୍ୟାଳୟ ସ୍ତରରେ ଅଧିକ ଗବେଷଣା ଆବଶ୍ୟକ। ଏଥିପାଇଁ ରାଜ୍ୟ ସରକାର ଉପରୋକ୍ତ ଯୋଜନାରେ ୨କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି ବୋଲି ସାହୁ କହିଥିଲେ। କାର୍ଯ୍ୟକ୍ରମରେ ସିଡ୍ ଫଣ୍ଡିଂରେ ୪୦ଜଣ ଅଧ୍ୟାପକ ଓ ରିସର୍ଚ୍ଚ ଫେଲୋସିପ୍‌ରେ ୧୩ଜଣଙ୍କୁ ଅନୁମୋଦନପତ୍ର ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି ଯେ, ଏହି ଯୋଜନା ପ୍ରଣୟନ ଫଳରେ ଓଡ଼ିଶା ଏକମାତ୍ର ରାଜ୍ୟ ଯିଏ ସିଧାସଳଖ ଗବେଷଣା ପାଇଁ ଆର୍ଥିକ ସହାୟତା ପ୍ରଦାନ କରୁଛି।

## ପାକିସ୍ତାନ ଲିଙ୍କ୍ ଅଭିଯୋଗ: ବିଧାନସଭାରେ କେୟାର ହସ୍ପିଟାଲ ପ୍ରସଙ୍ଗ ଉଠାଇଲେ ବିରୋଧୀ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

- ସମସ୍ତ ଅଭିଯୋଗକୁ କର୍ତ୍ତୃପକ୍ଷଙ୍କ ଖଣ୍ଡନ
- ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ହସ୍ପିଟାଲରେ ଯାଞ୍ଚ

ଭୁବନେଶ୍ୱରସ୍ଥିତ କେୟାର ହସ୍ପିଟାଲର ପାକିସ୍ତାନ ସହ ଲିଙ୍କ୍ ଥିବାନେଇ ବିଧାନସଭାରେ ବିରୋଧୀ ଆପତ୍ତି ଉଠାଇଛନ୍ତି। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଥିଲେ।

ବୁଧବାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ପ୍ରଦୀପ୍ତ କହିଥିଲେ ଯେ, କେୟାର ହସ୍ପିଟାଲକୁ ବିକ୍ରି କରିବା ପାଇଁ ଯୋଜନା ଚାଲିଛି, ଯାହା ନାମରେ କିଡ୍‌ନୀ ଚୋରି ଅଭିଯୋଗ ରହିଛି। ଜଣେ ପାକିସ୍ତାନୀ ଏହି ହସ୍ପିଟାଲକୁ କିଣିବାକୁ ଚେଷ୍ଟା କରୁଛନ୍ତି। ସେହିପରି ହସ୍ପିଟାଲର ଏନଓସି ନ ଥିବା ବିରୋଧୀ ଦଳ ନେତା ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ଅଭିଯୋଗ ଆସିବା ପରେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ସେ କହିଛନ୍ତି ଯେ, ତଦନ୍ତ ରିପୋର୍ଟ ଆଧାରରେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ବିରୋଧୀ ଗୃହରେ ଏହି ପ୍ରସଙ୍ଗ ଉଠାଇବା ପରେ ତୁରନ୍ତ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ କେୟାର ହସ୍ପିଟାଲରେ ଯାଞ୍ଚ କରାଯାଇଥିଲା। ହସ୍ପିଟାଲର ମେଡିସିନ ଷ୍ଟକ, ରେଜିଷ୍ଟର, ବାହାରୁ ଆସୁଥିବା ମେଡିସିନର ବିଲ ଇତ୍ୟାଦି ଯାଞ୍ଚ ହୋଇଥିଲା। ଅପରପକ୍ଷେରେ କେୟାର ହସ୍ପିଟାଲ ସିଓଓ ଗୁରିତ୍ କୌର ସେଠୀ ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଥିଲେ। ସେ କହିଥିଲେ ଯେ, ହସ୍ପିଟାଲ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗ ଭିତ୍ତିହୀନ, ମିଥ୍ୟା ଓ କପୋଳକଳ୍ପିତ। ପାକିସ୍ତାନ ସହ ହସ୍ପିଟାଲର କୌଣସି ଲିଙ୍କ ନାହିଁ। ଏହା ଆମେରିକାର ଏଭର କେୟାର ହେଲ୍‌ଥ ଫଣ୍ଡ ମାଲିକାନାରେ ରହିଛି। ଏଥିସହିତ ହସ୍ପିଟାଲର ଏନଓସି ନ ଥିବା ଅଭିଯୋଗକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି। ସେହିପରି ଭୁବନେଶ୍ୱର କେୟାର ହସ୍ପିଟାଲରେ ଆଜି ପର୍ଯ୍ୟନ୍ତ ଗୋଟିଏ ବି କିଡ୍‌ନୀ ପ୍ରତିରୋପଣ ହୋଇନାହିଁ। ହସ୍ପିଟାଲର ନାମକୁ ବଦନାମ୍ କରିବାକୁ ପ୍ରୟାସ କରାଯାଇଥିବା ଗୁରିତ୍ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।






































ଅନୁସୂଚିତ ଜନଜାତିଙ୍କ ସେବାରେ...
ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ନବରଙ୍ଗପୁର

ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନବରଙ୍ଗପୁର ଆଦିବାସୀମାନଙ୍କର ସାମୁହିକ ବିକାଶ ପାଇଁ ୧୯୭୯ ମସିହାଠାରୁ ନବରଙ୍ଗପୁର ଜିଲ୍ଲାର ୧୦ ଗୋଟି ପଞ୍ଚାୟତ ସମିତିରେ କାର୍ଯ୍ୟ କରିଆସୁଅଛି।

- ଅନୁସୂଚିତ ଜନଜାତି ଛାତ୍ର/ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷାର ବିକାଶ ପାଇଁ ୦୮ ଗୋଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଅଛି। ସେମାନଙ୍କୁ ଇଂରାଜୀ ପାଠ୍ୟକ୍ରମ ଭିତ୍ତିକ ଶିକ୍ଷା ପ୍ରଦାନ କରାଯିବା ନିମନ୍ତେ ନବରଙ୍ଗପୁରଠାରେ ଏକ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଏବଂ ଉମରକୋଟଠାରେ କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଅଛି। ଆତ୍ମନିଯୁକ୍ତି/ଦକ୍ଷତା ବୃଦ୍ଧି ପାଇଁ କମ୍ପ୍ୟୁଟର ଶିକ୍ଷା, ସିଲେଇ ଶିକ୍ଷା, ଗାଡ଼ି ଚାଳନା ଶିକ୍ଷା, ୱେଲ୍‌ଡ଼ିଂ ଏବଂ ଅନ୍ୟାନ୍ୟ ତାଲିମ୍ ପ୍ରଦାନ କରାଯାଉଅଛି।
- ଜିଲ୍ଲାର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗମନାଗମନର ସୁବିଧା ନିମନ୍ତେ ରାସ୍ତା ଏବଂ ପୋଲ ନିର୍ମାଣ କରାଯାଇ ଆଦିବାସୀ ଲୋକଙ୍କୁ ମୁଖ୍ୟ ସ୍ରୋତକୁ ଆଣିବା ପାଇଁ ପ୍ରୟାସ ଜାରି ରହିଅଛି।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଯୋଜନା ମାଧ୍ୟମରେ ଏହି ଜିଲ୍ଲାରେ ଥିବା ଅନୁସୂଚିତ ଜନଜାତି ଲୋକଙ୍କ ପୀଠସ୍ଥଳୀର ପୁନରୁଦ୍ଧାର କରାଯାଇଅଛି ତଥା ସେମାନଙ୍କ ଆମୋଦପ୍ରମୋଦ ସକାଶେ ଜିଲ୍ଲାର ସମସ୍ତ ୧୮୯ଟି ପଞ୍ଚାୟତରେ ଗୋଟିଏ ଲେଖାଏ ସାଂସ୍କୃତିକ କେନ୍ଦ୍ରର ନିର୍ମାଣ କରାଯାଉଅଛି।

ସ୍ୱା./- ଶ୍ରୀଯୁକ୍ତ ଅଣାକାର ଠାକୁର
ଓ.ପ୍ର.ସେ. - ଗ୍ରେଡ୍-ଏ, (ଏସ୍.ବି.)
ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଅନୁସୂଚିତ ଜନଜାତି ଉନ୍ନୟନ ସଂସ୍ଥା
ନବରଙ୍ଗପୁର








ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍,
ସେହିମାନେ ହିଁ ସବୁଠାରୁ ବେଶି କଥା କହନ୍ତି।
- ପ୍ଲାଟୋ



## ଆଜିର କାର୍ଯ୍ୟକ୍ରମ

**ଭୁବନେଶ୍ୱର**

- ନିଖିଳ ଓଡ଼ିଶା ଅଣନିଯୁକ୍ତି ତାଲିମପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀ ସଂଘ ପକ୍ଷରୁ ମାଣବସା କରି ଅନଶନ, ଲୋୟର ପିଏମ୍‌ଜି, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ପ୍ରତିଭା ଅନ୍ୱେଷଣ, ରବୀନ୍ଦ୍ର ମଣ୍ଡପ, ପୂର୍ବାହ୍ନ ୧୧ଟା ୪୫।
- ଜିଏସ୍‌ଇଏମ୍ ସ୍କୁଲର ବାର୍ଷିକ ଉତ୍ସବ, କ୍ୟାମ୍ପସ-୧, ସ୍କୁଲ ପରିସର, ନୂଆଗାଁ ଛକ, ଅପରାହ୍ନ ୪ଟା ୩୦।
- ଓଡ଼ିଆ ମିଡିଆ ପକ୍ଷରୁ ଓଡ଼ିଶା ଏକ୍ସିଲେନ୍ସ ଆୱାର୍ଡ, ସୂଚନା ଭବନ, ସନ୍ଧ୍ୟା ୬ଟା।

# ଅଧା ବି ସରିଲାନି କଲ୍ୟାଣମଣ୍ଡପ, ସଭାଗୃହ ଯାଞ୍ଚ

- ପାର୍କିଂ, ଅଗ୍ନି ନିରାପତ୍ତା, ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ଯାଞ୍ଚ କରୁଛି ମିଳିତ ଟିମ୍
- ୨୫ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ ହୋଇଥିଲା ଚିଠି

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ରାଜଧାନୀରେ ଥିବା କଲ୍ୟାଣମଣ୍ଡପ ଓ ସଭାଗୃହ ଗୁଡ଼ିକରେ ପାର୍କିଂ, ଅଗ୍ନି ନିରାପତ୍ତା, ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲର ଯାଞ୍ଚ କରୁଛି ମିଳିତ ଟିମ୍। ଏ ସଂକ୍ରାନ୍ତରେ ୨୫ ତାରିଖ ସୁଦ୍ଧା ରିପୋର୍ଟ ଦେବା ଲାଗି ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଜି ମାଥିଭାଥନନ ଚିଠି କରିଥିଲେ ମଧ୍ୟ ଏଯାଏ ଯାଞ୍ଚ କାର୍ଯ୍ୟ ଅଧା ବି ସରିନି। ଭୁବନେଶ୍ୱରର ୩ ଜୋନରେ ମୋଟ ୮୯ କଲ୍ୟାଣମଣ୍ଡପ ଓ ସଭାଗୃହ ଥିବାବେଳେ ବିଡିଏ ସ୍କ୍ୱାଡ୍ ୨୦ରୁ ୨୨ ଏବଂ ବିଏମ୍‌ସି ସ୍କ୍ୱାଡ୍ ୧୦ରୁ ୧୫ଟିର ଯାଞ୍ଚ କରିଥିବା ସୂଚନା ମିଳିଛି। ବିଡିଏ ଅଧିକାରୀଙ୍କ କହିବାନୁସାରେ, ଦିନକୁ ମାତ୍ର ୪ରୁ ୫ କଲ୍ୟାଣ ମଣ୍ଡପ ଯାଞ୍ଚ କରି ହେଉଛି। ପାର୍କିଂ ପାଇଁ ପ୍ରଶସ୍ତ ସ୍ଥାନ ସହ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ବିଡିଏର ବିଲ୍ଡିଂ ପ୍ଲାନ କାର୍ଯ୍ୟକାରୀ ହୋଇଛି କି ନାହିଁ ତାହା ଯାଞ୍ଚ କରାଯାଉଛି। ସେହିଭଳି ହୋଲ୍ଡିଂ ଟ୍ୟାକ୍ସ, ଟ୍ରେଡ୍ ଲାଇସେନ୍ସ ଓ ଭିତ୍ତିଭୂମି ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସମୟ ଲାଗୁଛି। ୫ଦିନରେ ସମସ୍ତ କଲ୍ୟାଣ ମଣ୍ଡପ ଯାଞ୍ଚ କାର୍ଯ୍ୟ ସାରିବାକୁ କୁହାଯାଇଥିଲା। ହେଲେ ଏତେ କମ୍ ସମୟରେ ତାହା ସାରିବା ଅସମ୍ଭବ ବୋଲି ସେ କହିଛନ୍ତି। ତେବେ ଯାଞ୍ଚବେଳେ କେତେକ କଲ୍ୟାଣମଣ୍ଡପ ଓ ସଭାଗୃହରେ ଆବଶ୍ୟକ ପାର୍କିଂ ବ୍ୟବସ୍ଥା ନ ଥିବା ଜଣାପଡିଛି। ଯାଞ୍ଚ ପ୍ରକ୍ରିୟା ସରିବା ପରେ ଏନେଇ ଆଲୋଚନା କରାଯିବ। କିଛି କଲ୍ୟାଣ ମଣ୍ଡପ ଯାଞ୍ଚ ସମୟରେ ପ୍ଲାନ ସୁଧାରିବାକୁ କିଛି ସମୟ ମଧ୍ୟ ମାଗିଛନ୍ତି। ସେଦିଗରେ ବି ବିଚାର କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସହରରେ ବେଆଇନ ଭାବେ ବହୁ କଲ୍ୟାଣ ମଣ୍ଡପ ଓ ସଭାଗୃହ କାର୍ଯ୍ୟ କରୁଛି। ଭୁବନେଶ୍ୱର ଦକ୍ଷିଣ ପୂର୍ବ ଜୋନ୍‌ରେ ୨୮, ଉତ୍ତର ଜୋନ୍‌ରେ ୨୯ ଏବଂ ଦକ୍ଷିଣ ପଶ୍ଚିମ ଜୋନ୍‌ରେ ୩୨ ସଭାଗୃହ ଓ କଲ୍ୟାଣ ମଣ୍ଡପ ରହିଛି। ଏଠାକୁ ଆସୁଥିବା ଲୋକେ ଗାଡିମୋଟରକୁ ରାସ୍ତା ଉପରେ ରଖୁଥିବାରୁ ଟ୍ରାଫିକ ଜାମ ହେଉଛି। ଗତ ୨୦ ତାରିଖରେ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶକ୍ରମେ ବିଏମ୍‌ସି ତଥା ବିଡିଏର ସୀମା ମଧ୍ୟରେ ଥିବା ସଭାଗୃହ, କଲ୍ୟାଣ ମଣ୍ଡପର ଯାଞ୍ଚ ଆରମ୍ଭ ହୋଇଥିଲା।

## ଗାନ୍ଧିଜୀଙ୍କ ଆଦର୍ଶ ବିଦେଶୀଙ୍କୁ ଅନୁପ୍ରାଣିତ କରିଛି




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଗାନ୍ଧୀଙ୍କ ବିଚାରଧାରା ଓ ଆଦର୍ଶ ଏବେ ଦେଶବାସୀ ତଥା ବିଦେଶୀଙ୍କୁ ଅନୁପ୍ରାଣିତ କରିପାରିଛି। ଏବେ ଆମକୁ ତାଙ୍କ ବିଚାରଧାରାକୁ ଆହୁରି ପ୍ରସାରପ୍ରଚାର କରିବାକୁ ପଡ଼ିବ ବୋଲି ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଏକାମ୍ର କଲେଜରେ ଅନୁଷ୍ଠିତ ଏକ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଗାନ୍ଧୀ ଦର୍ଶନର ଗବେଷକ ପ୍ରଫେସର ସତ୍ୟନାରାୟଣ ସାହୁ, କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ତ୍ରୈଲୋକ୍ୟ ପାଣ୍ଡେ, ଅନ୍ନପୂର୍ଣ୍ଣା ପାଣ୍ଡେ, ଆର୍‌ବିଆଇର ପୂର୍ବତନ ଡେପୁଟି ଗଭର୍ନର ହରୁଣ୍ ରସିଦ୍ ଖାନ, ସାମାଜିକ କର୍ମୀ ଡେଭିଡ ଥୋମାସ୍ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମତ ରଖିଥିଲେ। ଏକାମ୍ର କଲେଜ ଅଧ୍ୟକ୍ଷ ବିନେଦ ସାମନ୍ତରାୟ ଓ ଅଧ୍ୟାପକ ମାନସ ନନ୍ଦ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଛାଡ଼ପତ୍ର ନ ଦେଇ ବିବାହ ଉଦ୍ୟମ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ଥରେ କୋର୍ଟରେ ବିବାହ କରିସାରିବା ପରେ ପ୍ରେମିକା ଆଉ ଥରେ ଅନ୍ୟ ଜଣଙ୍କୁ ରୀତିନୀତିରେ ବିବାହ କରିବା ଉଦ୍ୟମ ମହଙ୍ଗା ପଡ଼ିଛି। ନୟାପଲ୍ଲୀ ଅଞ୍ଚଳର ଜଣେ ଯୁବତୀଙ୍କ ଏଭଳି ଉଦ୍ୟମ ଚର୍ଚ୍ଚାକୁ ଆସିଛି। ବିବାହର ଦିନକ ପୂର୍ବରୁ ମଙ୍ଗନରେ ପ୍ରେମିକ ଖବର ପାଇ ପ୍ରେମିକାଙ୍କ ଘର ନିକଟରେ ପହଞ୍ଚିଥିଲେ। ଛାଡ଼ପତ୍ର ପରେ ଯୁବତୀ ଜଣକ ଅନ୍ୟ ସ୍ଥାନରେ ବିବାହ କରିପାରିବେ ବୋଲି ଯୁବକ ଜିଦ୍ ଧରିଥିଲେ। ମାତ୍ର କିଛି କଥା ନ ଶୁଣି ପ୍ରେମିକାଙ୍କ ପରିବାର ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ନୟାପଲ୍ଲୀ ପୋଲିସ ଖବର ପାଇ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏଥିସହ ଆଇନ ଅନୁଯାୟୀ ବିବାହକୁ ବନ୍ଦ କରାଇଥିଲା। ସୂଚନା ଅନୁଯାୟୀ, ଏହି ପ୍ରେମୀ ଯୁଗଳ ଦୀର୍ଘବର୍ଷ ପ୍ରେମ ସମ୍ପର୍କରେ ରହିବା ପରେ ୨୦୧୩ରେ କୋର୍ଟ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଉଭୟଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହେବାରୁ ଅଲଗା ରହୁଥିଲେ।

### ପୀଡ଼ିତାଙ୍କୁ ପକ୍କାଘର ଦେବାକୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** କୋରାପୁଟ ଜିଲା ନନ୍ଦପୁର ବ୍ଲକସ୍ଥିତ ଏକ ଆଶ୍ରମ ସ୍କୁଲର ଜନୈକା ଛାତ୍ରୀ ପ୍ରଧାନ ଶିକ୍ଷକଙ୍କ ଯୌନ ନିର୍ଯାତନାର ଶିକାର ହୋଇ ଶିଶୁକନ୍ୟା ଜନ୍ମ ଦେବା ମାମଲାରେ ସମ୍ପୃକ୍ତ ପୀଡ଼ିତାଙ୍କୁ ୩ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ତେବେ ତାଙ୍କୁ ୬ମାସ ମଧ୍ୟରେ ଏକ ପକ୍କାଘର ଯୋଗାଇଦେବାକୁ ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନର ସଦସ୍ୟ ବିଚାରପତି ରଘୁବୀର ଦାସ କହିଛନ୍ତି, ଯଦି ଏହି ସମୟସୀମା ମଧ୍ୟରେ ଘର ଯୋଗାଇ ନ ଦିଆଯାଏ ତାହେଲେ ଆବେଦନକାରୀ କମିଶନଙ୍କ ନିକଟରେ ଅଭିଯୋଗ କରିପାରିବେ। ସୂଚନାଯୋଗ୍ୟ, ଏହି ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଗିରଫ ହୋଇ ଜେଲ ଯାଇଥିଲେ।

### 'ରାଜ୍ୟରେ ସବୁଜ ଶକ୍ତିର ବିପୁଳ ସୁଯୋଗ'

**ଭୁବନେଶ୍ୱର,୨୭।୧୧** ଓଡ଼ିଶାରେ ସବୁଜ ଶକ୍ତି କ୍ଷେତ୍ରରେ ବିପୁଳ ସୁଯୋଗ ରହିଥିବା ରାଜ୍ୟ ଶିଳ୍ପମନ୍ତ୍ରୀ କ୍ୟାପ୍ଟେନ ଦିବ୍ୟ ଶଙ୍କର ମିଶ୍ର ବୁଧବାର କହିଛନ୍ତି। ଫିକି ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେ କହିଛନ୍ତି ଯେ, ରାଜ୍ୟରେ ୬ ଲକ୍ଷ ହେକ୍ଟରରୁ ଅଧିକ ସ୍ଥାନରେ ଜଳ ରହିଛି। ଏଥିରେ କେବଳ ୨ ଲକ୍ଷ ହେକ୍ଟରରେ ଜଳାଶୟ ରହିଛି। ଅନ୍ୟ ରାଜ୍ୟଗୁଡିକ ତୁଳନାରେ ଏହା ଓଡିଶାକୁ ବହୁ ଆଗରେ ରଖୁଛି। ଜଳବିଦ୍ୟୁତ ନୁହେଁ ସୌରଶକ୍ତି ଏବଂ ପବନ ଶକ୍ତି ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସବୁଜ ଶକ୍ତିର ବିକାଶ ଲାଗି ରାଜ୍ୟ ସରକାର ଏକ ରୋଡ ମ୍ୟାପ ପ୍ରସ୍ତୁତ କରିବାକୁ ଯାଉଛନ୍ତି ବୋଲି ସେ ସ୍ପଷ୍ଟ କରିଛନ୍ତି। ସେ, କହିଛନ୍ତି ଭିତ୍ତିଭୂମି ଉନ୍ନତୀକରଣ ହୋଇପାରିଲେ ବିଦ୍ୟୁତ୍ ଯୋଗାଣଜନିତ କ୍ଷତି କମିପାରିବ। ଏବେ ଶିଳ୍ପ ସଂସ୍ଥା ସେମାନଙ୍କ ବିଦ୍ୟୁତ୍ ଆବଶ୍ୟକତା ପୂରଣ ଲାଗି କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ବସାଉଛନ୍ତି। ରାଜ୍ୟ ସରକାର ଶିଳ୍ପ ସଂସ୍ଥାଗୁଡିକୁ ବିଦ୍ୟୁତ୍ ଯୋଗାଇ ପାରିଲେ କୋଇଲାରେ ଚାଲୁଥିବା କ୍ୟାପ୍ଟିଭ ପାୱାର ପ୍ଲାଣ୍ଟର ଆବଶ୍ୟକତା କମିବ। ରାଜ୍ୟକୁ ଏକ ଟ୍ରିଲିୟନ ଡଲାର ଅର୍ଥନୀତିରେ ପହଞ୍ଚାଇବାକୁ ଶକ୍ତି କ୍ଷେତ୍ର ଏକ ପ୍ରମୁଖ ଯୋଗଦାନ ରଖିପାରିବ ବୋଲି ସେ ମତ ଦେଇଛନ୍ତି।

# ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

## ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ସ୍ଥଗିତ




ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ।

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଶ୍ରମିକ ମାରଣ ନୀତି ଓ ଶ୍ରମ କାର୍ଯ୍ୟାଳୟର ଶ୍ରମିକ ୟୁନିୟନ ବିରୋଧୀ ଆଭିମୁଖ୍ୟ ପ୍ରତିବାଦରେ ନିର୍ମାଣ ଶ୍ରମିକ ୟୁନିୟନ ସମନ୍ୱୟ କମିଟି ଓଡ଼ିଶା ପକ୍ଷରୁ ଧାରଣା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ। ପ୍ରଥମେ ଶ୍ରମିକମାନେ ମାଷ୍ଟରକ୍ୟାଣ୍ଟିନ୍‌ଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରା ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏଆଇଟିୟୁସି ନେତା ସୁର ଜେନାଙ୍କ ସଭାପତିତ୍ୱରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ଆବାହକ ବିଜୟ ଜେନା ୧୨ଦଫା ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ପରେ ବିଜୟଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ, ରାଜ୍ୟ ଶ୍ରମ କମିଶନର, ଶ୍ରମ ବିଭାଗର ଅତିରିକ୍ତ ସଚିବ ତଥା ସ୍ୱତନ୍ତ୍ର ଅଧିକାରୀଙ୍କ ସହ ୧୨ ଦଫା ଦାବି ଉପରେ ଆଲୋଚନା କରିଥିଲେ। ଗେଜେଟ୍ ବିଜ୍ଞପ୍ତିରେ ଆବଶ୍ୟକ ସଂଶୋଧନ କରାଯାଇ ନୂତନ ବିଜ୍ଞପ୍ତି ଖୁବ୍‌ଶୀଘ୍ର ପ୍ରକାଶ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ସଂଘ ପକ୍ଷରୁ ଅହୋରାତ୍ର ଧାରଣା ସ୍ଥଗିତ ଘୋଷଣା କରାଯାଇଥିଲା।

## ୬ ଚୋରି ମୋବାଇଲ ଫୋନ ଜବତ, ଜଣେ ଗିରଫ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନଗୁଡ଼ିକରୁ ମୋବାଇଲ ଫୋନ୍ ଚୋରି କରୁଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରଙ୍ଗମାଟିଆ ଅଞ୍ଚଳର ରବୀନ୍ଦ୍ର ବେହେରା। ତାଙ୍କ ନିକଟରୁ ୬ ମୋବାଇଲ ଓ ଏକ ବାଇକ ଜବତ କରିଛି ପୋଲିସ।

ସୂଚନା ମୁତାବକ, ଅଭିଯୁକ୍ତ ରବୀନ୍ଦ୍ର ବିଭିନ୍ନ ସମୟରେ ଶିକ୍ଷାଅନୁଷ୍ଠାନଗୁଡ଼ିକୁ ଯାଇ ଚକ୍କର କାଟନ୍ତି। ବିଶେଷକରି ପରୀକ୍ଷା ଚାଲିଥିବାବେଳେ ବା ଭିଡ଼ର ସୁଯୋଗ ନେଇ ଛାତ୍ରୀଛାତ୍ରଙ୍କ ମୋବାଇଲ୍ ଫୋନ୍ ଚୋରି କରି ନେଉଥିଲେ। ଗତ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୁକ୍ତ ରବୀନ୍ଦ୍ର ଚୋରି କରିଥିବା ମୋବାଇଲ୍ ଫୋନ୍‌କୁ ବିକ୍ରି କରୁଥିବା ଖବର ପୋଲିସ ନିକଟରେ ପହଞ୍ଚିଥିଲା। ଏକ ପୋଲିସ ଟିମ୍ ନୀଳାଦ୍ରିବିହାର ଏଟିଏମ ଛକ ନିକଟରେ ଚଢାଉ କରି ତାଙ୍କୁ କାବୁ କରିଥିଲା। ଜବତ ସାମଗ୍ରୀର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ପୋଲିସ ୪୭୨/୧୯ରେ ଏକ ମାମଲା ରୁଜୁ କରି ରବୀନ୍ଦ୍ରଙ୍କୁ ଗିରଫ କରିଥିଲା।

## ନୀଳକଣ୍ଠଙ୍କ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ଏକ କ୍ଲାସିକ୍ ପୁସ୍ତକ

**'ପୁସ୍ତକ ଚର୍ଚ୍ଚା'**

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଖ୍ୟାତନାମା ସାହିତ୍ୟିକ, ଶିକ୍ଷାବିତ୍ ତଥା ବାଗ୍ମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ରଚିତ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ପୁସ୍ତକରେ ସାହିତ୍ୟକୁ ସମାଜ ବିକାଶର ପଥପ୍ରକାଶକ ଭାବେ କଳନା କରାଯାଇଛି। ସମାଜର ଚଳଣି, ଚାହାଣି ଓ ଚମକର ବ୍ୟାଖ୍ୟାନପୂର୍ବକ ସଭ୍ୟତାର ଧାର୍ମିକ, ସାଂସ୍କୃତିକ ତଥା ଐତିହାସିକ ବିବର୍ତ୍ତନକୁ ସୂକ୍ଷ୍ମ ଭାବରେ ଲେଖକ ଏଥିରେ ଅନୁଶୀଳନ କରିଛନ୍ତି। ପୁସ୍ତକରେ ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟ, ବହୁଶାସ୍ତ୍ରଦର୍ଶିତା, ଅସାଧାରଣ ବିଦ୍‌ବତ୍ତା ଓ ବିଶ୍ଳେଷଣଦକ୍ଷତା ପ୍ରମାଣିତ ହୋଇ ପୁସ୍ତକଟିକୁ କ୍ଲାସିକ୍ ମର୍ଯ୍ୟାଦା ପ୍ରଦାନ କରିଛି ବୋଲି ବିଶିଷ୍ଟ ଗବେଷକ ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ 'ପୁସ୍ତକ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗଦେଇ ଡ. ପଣ୍ଡା ପଣ୍ଡିତ ନୀଳକଣ୍ଠଙ୍କ ରଚିତ ପୁସ୍ତକ ଉପରେ ଆଲୋଚନା କରିଥିଲେ।

ସାରଳା ମହାଭାରତର ବିଭିନ୍ନ ରୂପକଥାର ଉଦାହରଣ ଓ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ବରମଗା କାହାଣୀରେ ଆମ ଜାତିର ବୈଶିଷ୍ଟ୍ୟ ପ୍ରତିଷ୍ଠିତ ହୋଇଥିବା କଥା ଲେଖକ ଏଥିରେ ଦର୍ଶାଇଛନ୍ତି। ସହଜିଆ, ବୌଦ୍ଧ ଓ ଗୌଡ଼ୀୟ ବୈଷ୍ଣବଙ୍କ ପ୍ରଭାବରେ ଓଡ଼ିଆ ସଂସ୍କୃତି କିପରି କଳୁଷିତ ହୋଇଥିଲା, ଲେଖକ ତା'ର କ୍ରୁର ସମାଲୋଚନା କରିଛନ୍ତି ବୋଲି ଡ. ପଣ୍ଡା କହିଥିଲେ। କାର୍ଯ୍ୟକ୍ରମରେ ଗବେଷକ ପ୍ରଫେସର ରାଜକିଶୋର ମିଶ୍ର ପୌରୋହିତ୍ୟ କରିଥିବାବେଳେ ବିଭାଗୀୟ ନିର୍ଦ୍ଦେଶକ ବିଜୟ କୁମାର ନାୟକ ପଣ୍ଡିତ ନୀଳକଣ୍ଠଙ୍କ ସାରସ୍ୱତ ଅବଦାନ ଓ ଅନନ୍ୟ ପାଣ୍ଡିତ୍ୟର ତୁଳନା ନାହିଁ ବୋଲି କହିଥିଲେ। ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ଡ. ତମସାରାଣୀ ଦାସମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୨୪ କୁଇଣ୍ଟାଲ ପଲିଥିନ ଜବତ କଲା ବିଏମ୍‌ସି

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

କଟକଣା ସତ୍ତ୍ୱେ ଏବେବି ନିଷେଧ ପଲିଥିନ ବ୍ୟବହାର କରାଯାଉଛି। ବ୍ୟବସାୟୀମାନେ ଖୁଲମ୍‌ଖୁଲା ପଲିଥିନରେ ସାମଗ୍ରୀ ଦେଉଥିବାବେଳେ ଲୋକେ ଏଣେତେଣେ ପକାଉଥିବାରୁ ସ୍ମାର୍ଟସିଟିର ପରିବେଶ ସୁଧୁରୁପାରୁନି। ତେଣୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି), ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ), କମିଶନରେଟ ପୋଲିସ, ଜଙ୍ଗଲ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଦୁଇଟି ମିଳିତ ସ୍କ୍ୱାଡ୍ ସହରରେ ଚଢାଉ ଜାରି ରଖିଛି। ଅକ୍ଟୋବର ୨ରୁ ହୋଇଥିବା ଚଢାଉରେ ମୋଟ ୨୪ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ପଲିଥିନ ଜବତ କରାଯାଇଥିବାବେଳେ ୧୨ଲକ୍ଷ ୬୧ ହଜାର ୮୫୦ଟଙ୍କା ଜରିମାନ ଆଦାୟ କରାଯାଇଛି। ଏବେ ପଲିଥିନ ଗୋଦାମ ଉପରେ ଚଢାଉକୁ ଜୋର୍‌ଦାର କରାଯାଇଛି। ସମସ୍ତ ଜବତ ସାମଗ୍ରୀକୁ କଟକ ରୋଡସ୍ଥିତ ଯାତ୍ରୀନିବାସରେ ରଖାଯାଇଛି। ସ୍କ୍ୱାଡ୍ ଏବେ ୟୁନିଟ-୧, ୟୁନିଟ-୨, ଶହୀଦନଗର, ଚନ୍ଦ୍ରଶେଖରପୁର, ଡମଣା, ବରମୁଣ୍ଡା ଆଦି ବଜାର ଉପରେ ନଜର ରଖିଥିବାବେଳେ ଏହି ଚଢାଉ ଜାରି ରହିବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ବେଆଇନ ପ୍ଲାଷ୍ଟିକ୍ ଓ ପଲିଥିନ୍ ଧରିବାକୁ ବିଏମ୍‌ସିର ଜୋନାଲ୍ ଡେପୁଟି କମିଶନର୍‌ଙ୍କ ଅଧୀନରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ ଚାଲିଛି। ଭୁବନେଶ୍ୱର ଉତ୍ତର, ମଧ୍ୟ ଓ ଏକାମ୍ର ତିନୋଟି ଜୋନରେ ଏହି ଚଢାଉ କରାଯାଉଛି। ସ୍କ୍ୱାଡ୍ ଦିନ ୮ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କମିଶନରେଟ ପୋଲିସ ସହଯୋଗରେ ସହରର ବିଭିନ୍ନ ମାର୍କେଟ ଉପରେ ଚଢାଉ କରୁଛି। ବିଶେଷକରି ମାଛ, ମାଂସ, ଖାଇବା ଦୋକାନ ଇତ୍ୟାଦିକୁ ଯାଇ ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନେଉଛି। ଏ ଦିଗରେ ଜନ ସଚେତନତା ପାଇଁ ବିଭିନ୍ନ ବ୍ୟବସାୟୀ ସଂଘର ସମ୍ପାଦକ, ସଭାପତି ପ୍ରମୁଖଙ୍କୁ ତାଲିମ୍ ଦିଆଯାଇଛି।


**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ବାତିଲକରଣ**

ଟେଣ୍ଡର ବିଜ୍ଞପ୍ତି ନଂ.୨୬-ଟେଣ୍ଡର-ଇଏଲ୍-ସିଓଏନ୍-ଏସ୍‌ଇସିଆର୍-ବିଏସ୍‌ପି-୨୦୧୯ ତାରିଖ: ୦୧।୧୧।୨୦୧୯ ଟେଣ୍ଡର ବିଜ୍ଞପ୍ତି ନଂ.୨୬-ଟେଣ୍ଡର-ଇଏଲ୍-ସିଓଏନ୍-ଏସ୍‌ଇସିଆର୍-ବିଏସ୍‌ପି-୨୦୧୯ ତାରିଖ: ୦୧।୧୧।୨୦୧୯, ଯାହାର ଟେଣ୍ଡର ସମାପ୍ତିର ତାରିଖ ଓ ସମୟ ତା୨୮।୧୧।୨୦୧୯ରିଖ ୧୫.୩୦ ଘଟିକା ଥିଲା, ସେହି ଟେଣ୍ଡର ବିଜ୍ଞପ୍ତିକୁ ପ୍ରଶାସନିକ କାରଣରୁ ଏତଦ୍ୱାରା ବାତିଲ କରାଯାଉଛି।

ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ନିର୍ମାଣ)

CPR/10/339 ଏସ୍.ଇ.ସି. ରେଳପଥ, ବିଳାସପୁର

South East Central Railway @secrail



**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଲମ୍ବା ରେଲ ପ୍ୟାନେଲଗୁଡ଼ିକ ପାଇଁ ଉନ୍ନତ ଏଣ୍ଡ ଅନ୍‌ଲୋଡିଂ ପ୍ରଣାଳୀର ଯୋଗାଣ ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି (EXPRESSION OF INTEREST)**

**ବିଜ୍ଞପ୍ତି ନଂ. ଏମ୍-ଆର୍-ଇଟି-୧୯-୨୦, ତାରିଖ: ୨୫।୧୧।୨୦୧୯**

ଏତଦ୍ୱାରା ଆଗ୍ରହୀ ପକ୍ଷମାନଙ୍କଠାରୁ ଆଗ୍ରହର ଅଭିବ୍ୟକ୍ତି ଆମନ୍ତ୍ରଣ କରାଯାଉଛି:- **କାର୍ଯ୍ୟର ନାମ: ''ଲମ୍ବା ରେଲ ପ୍ୟାନେଲଗୁଡ଼ିକ ପାଇଁ ଉନ୍ନତ ଏଣ୍ଡ ଅନ୍‌ଲୋଡିଂ ପ୍ରଣାଳୀ''।**

ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର (ସମନ୍ୱୟ), ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ/ରାୟପୁର, ଆଗ୍ରହର ଅଭିବ୍ୟକ୍ତିର ଖୋଲା ମାଧ୍ୟମରେ ଆର୍.ଡି.ଏସ୍.ଓ. ସ୍ପେସିଫିକେଶନ୍ ଅନୁରୂପ ''ଲମ୍ବା ରେଲ ପ୍ୟାନେଲଗୁଡ଼ିକ ପାଇଁ ଉନ୍ନତ ଏଣ୍ଡ ଅନ୍‌ଲୋଡିଂ ପ୍ରଣାଳୀ'' ("IMPROVED END UNLOADING SYSTEM FOR LONG RAIL PANELS)ର ଯୋଗାଣ ପାଇଁ ବିକ୍ରେତାମାନଙ୍କ ସନ୍ଧାନ ଲାଗି ପ୍ରତିବଦ୍ଧ ଅଟନ୍ତି। ଭାରତୀୟ ରେଳପଥର ଉପଯୋଗ ପାଇଁ ଉପରୋକ୍ତ ସାମଗ୍ରୀଗୁଡ଼ିକ ନିମନ୍ତେ ଅନ୍‌ଲାଇନ୍ 'ଆଗ୍ରହର ଅଭିବ୍ୟକ୍ତି' ଆମନ୍ତ୍ରଣ କରାଯାଇଛି। ସମ୍ଭାବ୍ୟ ବିକ୍ରେତାମାନଙ୍କୁ ସ୍ପେସିଫିକେଶନ୍ ଓ ଯୋଗାଯୋଗ ଭଳି ବିବରଣୀ ପାଇଁ ୱେବ୍‌ସାଇଟ୍ www.secr.indianrailways.gov.in ପରିଦର୍ଶନ କରିବା ଲାଗି ପରାମର୍ଶ ଦିଆଯାଉଛି। ଏ ସଂକ୍ରାନ୍ତରେ କୌଣସି ପ୍ରଶ୍ନ ପାଇଁ ଦୟାକରି ଶ୍ରୀ ଆନନ୍ଦ ପ୍ରକାଶ ରାଜ, ବରିଷ୍ଠ ସେକ୍ସନ ଇଞ୍ଜିନିୟର/ରାୟପୁର, ମୋ.- ୯୭୫୨୮୭୭୭୪୦ଙ୍କ ସହ ଯୋଗାଯୋଗ କରନ୍ତୁ। ଦାଖଲର ଶେଷ ତାରିଖ ତା୨୪।୧୨।୨୦୧୯ରିଖ।

ଉପରୋକ୍ତ ଇଓଆଇରେ ଅଂଶଗ୍ରହଣ ଏବଂ ଟେଣ୍ଡର କାଗଜପତ୍ର ହାସଲ ପାଇଁ ଆଗ୍ରହୀ ଫାର୍ମଗୁଡ଼ିକ ଅନ୍‌ଲାଇନ୍ ଆବେଦନ ଫର୍ମରେ ପହଞ୍ଚିବା ପାଇଁ ଏସ୍‌ଇସିଆର୍ ୱେବ୍‌ସାଇଟ୍ www.secr.indianrailways.gov.inରେ ନିମ୍ନଲିଖିତ ରୁଟ୍ ଅନୁସରଣ କରିପାରିବେ: www.secr.indianrailways.gov.in → Tenders → Tender type (EOI) → Division(Raipur) → Department(Mechanical Raipur Division) → Show.

PR/R/SrDME(Co-ord)/IP/148 ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର (ସମନ୍ୱୟ), ଏସ୍‌ଇସିଆର୍, ରାୟପୁର

South East Central Railway @secrail



**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**

**ନିବେଦନ**

୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧ୍ୟରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/-

୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/-

୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/-

୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/-

୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଈ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନଚେତ୍ ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/-ଆଦାୟ କରାଯିବ।

ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।

**ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)**
**କାର୍ଯ୍ୟନିର୍ବାହୀ ଅଧିକାରୀ,**
**ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ।**

**ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)**
**ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର-ତଥା -ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ**



**ପୂର୍ବ ତଟ ରେଳପଥ**

**ଅଳିଆ ଆବର୍ଜନା ଉଠାଇବା ଏବଂ ନିଷ୍କାଶ**

(1)ଟେଣ୍ଡର ବିଜ୍ଞପ୍ତି ସଂ.e-tender-CTC-G-38

**କାର୍ଯ୍ୟର ବିବରଣୀ:** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ ତିନି(03) ବର୍ଷ ଅର୍ଥାତ୍ 1096 ଦିନ ଅବଧି ନିମନ୍ତେ ଉପଯୁକ୍ତ ଗାଡ଼ି (ସମସ୍ତ ଦେୟ ଅର୍ଥାତ୍ ଚାଳକ, ଶ୍ରମିକ, ଉପକରଣ, ଇନ୍ଧନ ଏବଂ ଅନ୍ୟ ସମସ୍ତ ଦେୟ ଇତ୍ୟାଦି ସହିତ)ବ୍ୟବହାର କରି ସଂପୂର୍ଣ୍ଣ କଟକ ରେଳବାଇ ସେଟେଲମେଣ୍ଟରୁ ଦୈନିକ 700 cft ଅଳିଆ ଆବର୍ଜନା (କଠିନ ଅପଚୟ ପଦାର୍ଥ) ଇତ୍ୟାଦି ଉଠାଇବା ଏବଂ ଦୈନିକ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଦ୍ୱାରା ମନୋନୀତ ଅଳିଆ ଖାତ (Dumping Ground) ରେ ସେଗୁଡ଼ିକୁ ନିଷ୍କାଶ କରିବା।

**କାର୍ଯ୍ୟର ଆକଳିତ ମୂଲ୍ୟ (ଟଙ୍କାରେ):** 17,84,184/-, EMD (ଟଙ୍କାରେ): 35,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/-, ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 03(ତିନି) ବର୍ଷ ଅର୍ଥାତ୍ 1096 ଦିନ।

(2)ଟେଣ୍ଡର ବିଜ୍ଞପ୍ତି ସଂ.e-tender-JJKR-G-39

**କାର୍ଯ୍ୟର ବିବରଣୀ:** କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ ତିନି(03) ବର୍ଷ ଅର୍ଥାତ୍ 1096 ଦିନ ଅବଧି ନିମନ୍ତେ ଉପଯୁକ୍ତ ଗାଡ଼ି (ସମସ୍ତ ଦେୟ ଅର୍ଥାତ୍ ଚାଳକ, ଶ୍ରମିକ, ଉପକରଣ, ଇନ୍ଧନ ଏବଂ ଅନ୍ୟ ସମସ୍ତ ଦେୟ ଇତ୍ୟାଦି ସହିତ)ବ୍ୟବହାର କରି ସଂପୂର୍ଣ୍ଣ ଯାଜପୁର-କେନ୍ଦୁଝର ରୋଡ଼ ରେଳବାଇ ସେଟେଲମେଣ୍ଟରୁ ଦୈନିକ 200 cft ଅଳିଆ ଆବର୍ଜନା(କଠିନ ଅପଚୟ ପଦାର୍ଥ) ଇତ୍ୟାଦି ଉଠାଇବା ଏବଂ ଦୈନିକ ନଗରପାଳିକା ଅଳିଆ ଖାତ (Dumping Ground)ରେ ସେଗୁଡ଼ିକୁ ନିଷ୍କାଶ କରିବା।

**କାର୍ଯ୍ୟର ଆକଳିତ ମୂଲ୍ୟ (ଟଙ୍କାରେ):** 2,61,495/-, EMD (ଟଙ୍କାରେ): 5,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 1,180/-, ଚୁକ୍ତି ଅବଧି : କାର୍ଯ୍ୟ ଆରମ୍ଭ ହେବା ତାରିଖ ଠାରୁ 03(ତିନି) ବର୍ଷ ଅର୍ଥାତ୍ 1096 ଦିନ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ):** ତା.23.12.2019 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ(H&FW)/ ଖୋର୍ଦ୍ଧା ରୋଡ଼

PR-537/K/19-20



**PROCLAMATION REQUIRING THE APPEARANCE OF THE ACCUSED**

**IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD**

C.C. No. 288 OF 2017

Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
..........Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
.............. Accused

To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha

Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail

**(BY ORDER OF THE COURT)**

C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59



**REGIONAL PASSPORT OFFICE, BHUBANESWAR**

**Tender Notice**

क्षेत्रीय पासपोर्ट कार्यालय ,भुवनेश्वर सुरक्षा सेवाओ के लिए निविदा आमंत्रित कर रहा है, जिनका विवरण निम्नानुसार हैं :-

Regional Passport Office, Bhubaneswar is inviting the tender for security services, details of which are as follows:-

| क्रमांक Sl. No. | विवरण / Details | बोली की आरंभिक तिथि Bid submission start date | बोली की अंतिम तिथि Bid submission end date | Tender id |
|---|---|---|---|---|
| 1 | सुरक्षा सेवाएँ ( निविदा दस्तावेज़ में विवरण ) Security Services (details in tender document) | 28.11.2019 | 19.12.2019 | 2019_ MEA_521997_1 |

उपरोक्त वर्णित निविदा आईडी का उपयोग करके ,निविदा दस्तावेज़ **www.eprocure.gov.in** से डाउनलोड किया जा सकता है।

Tender document may be downloaded from website **www.eprocure.gov.in**, using tender id mentioned above.

**Regional Passport Officer**
**Bhubaneswar**



SUNDARAM HOME

**ପଞ୍ଜୀକୃତ କାର୍ଯ୍ୟାଳୟ:** ନଂ.୨୧, ପାଟୁଲସ୍ ରୋଡ୍, ଚେନ୍ନାଇ-୬୦୦ ୦୦୨।
**କର୍ପୋରେଟ୍ କାର୍ଯ୍ୟାଳୟ:** ୪୬, ହ୍ୱାଇଟ୍‌ସ ରୋଡ୍, ଚେନ୍ନାଇ- ୬୦୦ ୦୧୪।
**ଶାଖା କାର୍ଯ୍ୟାଳୟ:** ଓ/୧୦୮, ୧ମ ମହଲା, ବନଦେବ ଭବନ, ଶହୀଦନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର – ୭୫୧୦୦୭। ଫୋନ୍: ୦୬୭୪-୨୫୪ ୪୬୭୭

**ବିକ୍ରୟ ବିଜ୍ଞପ୍ତି**

ଯେହେତୁ **ସୁନ୍ଦରମ୍ ବିଏନ୍‌ପି ପରିବାସ ହୋମ୍ ଫାଇନାନ୍ସ ଲିଃ**, ଏବେ **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ** ଭାବେ ପରିଚିତ,ର ପ୍ରାଧିକୃତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ଏବଂ ଧାରା ୧୩ (୧୨) ସହିତ ପଠନପୂର୍ବକ ଧାରା ୧୩(୨) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ଋଣଗ୍ରହୀତାଙ୍କୁ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ନୋଟିସରେ ଦର୍ଶିତ ଅର୍ଥରାଶିକୁ ପରିଶୋଧ କରିବା ପାଇଁ ଏକ ଡିମାଣ୍ଡ ନୋଟିସ ଜାରି କରିଥିଲେ।

ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତା ବୈଧାନିକ ଅବଧି ମଧ୍ୟରେ ଅର୍ଥରାଶିକୁ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ପ୍ରାଧିକୃତ ଅଧିକାରୀ କଥିତ ଅଧିନିୟମର ଧାରା ୧୩ (୪) ଅଧୀନରେ ପ୍ରଦତ୍ତ କ୍ଷମତାକୁ ପ୍ରୟୋଗକରି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିକୁ ସାଙ୍କେତିକ ଭାବେ ନିଜ ଦଖଲକୁ ନେଇଛନ୍ତି।

ଏତଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ନିମ୍ନପ୍ରଦତ୍ତ ସାରଣୀରେ ସମ୍ପୂର୍ଣ୍ଣ ଭାବେ ବର୍ଣ୍ଣିତ ସମ୍ପତ୍ତିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮ ଓ ୯ ଅଧୀନରେ ସର୍ବସାଧାରଣଙ୍କଠାରୁ **ତା୧୭।୦୧।୨୦୨୦ରିଖ** ୧୬.୦୦ ଘଟିକା ପର୍ଯ୍ୟନ୍ତ ଜଉମୁଦଦିଆ ଟେଣ୍ଡର ଆମନ୍ତ୍ରଣ କରାଯାଇ **''ଯେପରି ଅଛି ଯେଉଁଠି ଅଛି''** ଏବଂ **''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହା ବି ଅଛି''** ସ୍ଥିତିରେ ବିକ୍ରୟ କରାଯିବ। ଯେଉଁମାନେ ନିଲାମ ବିକ୍ରୟରେ ଅଂଶଗ୍ରହଣ କରିବାକୁ ଚାହୁଁଛନ୍ତି ସେମାନେ **ତା୧୭।୦୧।୨୦୨୦ରିଖ** ୧୬.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଜଉମୁଦଦିଆ ଲଫାପାରେ କେବଳ ଆର୍‌ପିଏଡି ଦ୍ୱାରା ସେମାନଙ୍କର ବିଡ୍ ପଠାଇପାରିବେ। **ତା୧୭।୦୧।୨୦୨୦ରିଖ** ୧୬.୦୦ ଘଟିକା ପରେ ପ୍ରାପ୍ତ ଟେଣ୍ଡରଗୁଡ଼ିକୁ ନାକଚ କରିଦିଆଯିବ। ଆର୍‌ପିଏଡି ଦ୍ୱାରା **ତା୧୭।୦୧।୨୦୨୦ରିଖ** ୧୬.୦୦ ଘଟିକା ସୁଦ୍ଧା ପ୍ରାପ୍ତ ଜଉମୁଦଦିଆ ଟେଣ୍ଡରଗୁଡ଼ିକୁ **ତା୧୭।୦୧।୨୦୨୦ରିଖ** ୧୬.୩୦ ଘଟିକାରେ ନିମ୍ନପ୍ରଦତ୍ତ ସ୍ଥାନରେ ଖୋଲାଯିବ। ସଫଳ ବିଡରଙ୍କୁ ବକେୟା ଅର୍ଥରାଶି ଇଣ୍ଟିମେଶନ୍ ପ୍ରାପ୍ତି ତାରିଖରୁ ୧୫ ଦିନ ମଧ୍ୟରେ ପୈଠ କରିବାକୁ ହେବ। ଉପରେ ଦର୍ଶାଯାଇଥିବା ବକେୟା ଅର୍ଥରାଶି ଜମା କରାଯିବା ପରେ ହିଁ ବିକ୍ରୟ ସମ୍ପୂର୍ଣ୍ଣ ହେବ।

| କ୍ର. ସଂ. | ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାଙ୍କ ନାମ ଓ ଠିକଣା | ପ୍ରତିଭୂତ ଋଣ (ଟ.) | ସଂରକ୍ଷିତ ମୂଲ୍ୟ (ଟ.) | ମାଲିକାନା ଯାଞ୍ଚ ସ୍ଥାନ |
|---|---|---|---|---|
| ୧ | **ଜାହାଙ୍ଗୀର ଅଲୀ ମୋଲ୍ଲା (ଋଣଗ୍ରହୀତା)** ସ୍ଥାନ: ରୂପ୍‌ସା ପାଟମା ଶିବ ବଜାର, ପୋଷ୍ଟ: ବକ୍ସି ବଜାର, କଟକ-୭୫୩୦୦୧। **ଆହୁରି ମଧ୍ୟ:** ଏଫ୍‌ଏଫ୍ ଗାର୍ମେଣ୍ଟ୍‌ସ, ସ୍ଥାନ- ରୂପ୍‌ସା ପାଟମା ଶିବ ବଜାର, ପୋଷ୍ଟ: ବକ୍ସି ବଜାର, କଟକ-୭୫୩୦୦୧। **ଆହୁରି ମଧ୍ୟ:** ପ୍ଲଟ୍ ନଂ. ୨୨୧୫, କଟକ ସହର ୟୁନିଟ୍ ନଂ.୧୬, କାଠଗଡ଼ା ସାହି (ନିମସାହି) – କଟକ-୭୫୩୦୦୧ **ରୁକ୍‌ସାନା ବେଗମ୍ (ସହ-ଋଣଗ୍ରହୀତା)** ସ୍ଥାନ: ରୂପ୍‌ସା ପାଟମା ଶିବ ବଜାର, ପୋଷ୍ଟ: ବକ୍ସି ବଜାର, କଟକ-୭୫୩୦୦୧। **ଆହୁରି ମଧ୍ୟ:** ବଲିଉଡ୍ ଗାର୍ମେଣ୍ଟ୍‌ସ, ଓ୧ ରୂପ୍‌ସା ପାଟମା ଶିବ ବଜାର, ପୋଷ୍ଟ: ବକ୍ସି ବଜାର, କଟକ-୭୫୩୦୦୧ | ଟ. ୭୭,୯୧,୪୪୦/- (ସତସ୍ତରି ଲକ୍ଷ ଏକାନବେ ହଜାର ଚାରିଶହ ଚାଳିଶ ଟଙ୍କା ମାତ୍ର) ତା୨୮।୧୧।୨୦୧୯ ସୁଦ୍ଧା + ଭବିଷ୍ୟତ ସୁଧ + ବୈଧାନିକ ବ୍ୟୟ + ଆଇନଗତ ବ୍ୟୟ + ଆନୁଷଙ୍ଗିକ ବ୍ୟୟ | ଟ. ୭୭,୯୧,୪୪୦/- (ସତସ୍ତରି ଲକ୍ଷ ଏକାନବେ ହଜାର ଚାରିଶହ ଚାଳିଶ ଟଙ୍କା ମାତ୍ର)<br>**ଅମାନତ ଜମା ରାଶି**<br>ଟେଣ୍ଡର ପରିମାଣର ୨୫% | **ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିମିଟେଡ୍** ଓ/୧୦୮, ୧ମ ମହଲା, ବନଦେବ, ଭବନ, ଶହୀଦ ନଗର, ଖୋର୍ଦ୍ଧା ଜିଲ୍ଲା, ଭୁବନେଶ୍ୱର – ୭୫୧୦୦୭।<br>**ଟେଣ୍ଡର ଖୋଲାଯିବାର ସ୍ଥାନ**<br>**ମେସର୍ସ ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ** ସୁନ୍ଦରମ୍ ଟାୱାର, ନଂ.୪୬ ହ୍ୱାଇଟ୍‌ସ ରୋଡ୍, ରୋୟାପେଟ୍ଟା, ଚେନ୍ନାଇ-୬୦୦୦୧୪<br>**ଟେଣ୍ଡର ଖୋଲାଯିବାର ତାରିଖ**<br>୧୭।୦୧।୨୦୨୦ @ ୧୬.୩୦ |

**ସମ୍ପତ୍ତିର ବର୍ଣ୍ଣନା:** ଜିଲ୍ଲା ସବ-ରେଜିଷ୍ଟ୍ରାର କଟକ, ତହସିଲ: କଟକ ସଦର, ଜିଲ୍ଲା: କଟକ, ଓଡ଼ିଶା ରାଜ୍ୟଙ୍କ କ୍ଷେତ୍ରାଧିକାର ଅଧୀନରେ ମୌଜା/ରାଜସ୍ୱ ଗ୍ରାମ: କଟକ ସହର, ୟୁନିଟ୍ ନଂ.୧୬, କାଠଗଡ଼ା ସାହି, ଥାନା- ପୁରୀଘାଟ ନଂ.-୧୦ାରେ ଅବସ୍ଥିତ ଏ୦.୦୩୯ ଡେସିମିଲ (ହୋମଷ୍ଟିଡ୍) ପରିମାପର ଖାତା ନଂ.୪୯୧, ପ୍ଲଟ୍ ନଂ.୨୨୧୫ ଅଧୀନରେ ଥିବା ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ। ଚଉହଦି: ଉତ୍ତରରେ: ସଡ଼କ, ଦକ୍ଷିଣରେ: ଏସ୍.କେ. ଟୁକଦାଦାଙ୍କ ସମ୍ପତ୍ତି, ପୂର୍ବରେ: ଏସ୍.କେ. ମେହମୁଦଙ୍କ ସମ୍ପତ୍ତି, ପଶ୍ଚିମରେ: ଏସ୍.କେ. ସାସୁରଙ୍କ ସମ୍ପତ୍ତି, ଯାହା ଅଧିକ ସମ୍ପୂର୍ଣ୍ଣ ଓ ବିଶଦ୍‌ଭାବେ ମାଲିକାନା ଦଲିଲରେ ବର୍ଣ୍ଣିତ।

**ଦ୍ରଷ୍ଟବ୍ୟ: ଆଗ୍ରହୀ କ୍ରେତାମାନଙ୍କୁ ଅଂଶଗ୍ରହଣ କରିବା ପୂର୍ବରୁ ସମସ୍ତ ଦଲିଲଗୁଡ଼ିକୁ ଯାଞ୍ଚ କରିନେବା ଓ ନିଜକୁ ସନ୍ତୁଷ୍ଟ କରିନେବା ଲାଗି ପରାମର୍ଶ ଦିଆଯାଉଛି।**

**ଶ୍ରୀ ଜାହାଙ୍ଗୀର ଅଲୀ ମୋଲ୍ଲାଙ୍କ, ଋଣ ଖାତା ନଂ.୬୬୨୦୦୩୦୫ଙ୍କ ସମ୍ପତ୍ତି ବିକ୍ରୟର ବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି www.sundaramhome.in/tc/66200305.pdf ଦେଖନ୍ତୁ।**

ସୁନ୍ଦରମ୍ ହୋମ୍ ଫାଇନାନ୍ସ ଲିଃ ପାଇଁ
ତାରିଖ: ୨୮।୧୧।୨୦୧୯ ପ୍ରାଧିକୃତ ଅଧିକାରୀ

# ଧରିତ୍ରୀ

DHARITRI



## ସଂକ୍ଷେପରେ

### ଭୁବନେଶ୍ୱର ଷ୍ଟେଶନ ମଲ୍ଟି ମୋଡାଲ ହବ୍‌ର ଶିଳାନ୍ୟାସ କରିବେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ଭୁବନେଶ୍ୱର ରେଳ ଷ୍ଟେଶନ ହେବ ମଲ୍ଟି ମୋଡ଼ାଲ ହବ୍। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ରେଲ୍‌ୱେ ପକ୍ଷରୁ ହେବାକୁ ଥିବା ଏହି ପ୍ରକଳ୍ପ ପାଇଁ ଆସନ୍ତା ୮ ତାରିଖରେ ଶିଳାନ୍ୟାସ କରିବେ ରାଷ୍ଟ୍ରପତି ରାମନାଥ କୋବିନ୍ଦ। ହଜାରେ କୋଟିର ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଭୁବନେଶ୍ୱର ରେଳ ଷ୍ଟେଶନ ଦେଶର ପ୍ରଥମ ମଲ୍ଟି ମୋଡ଼ାଲ ହବ ଭାବେ ନୂଆ ପରିଚୟ ପାଇବ। ସୂଚନାଯୋଗ୍ୟ, ରାଷ୍ଟ୍ରପତି ଉକ୍ତଦିନ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ ଜୁବିଲିର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

### ଆଇଆର୍‌ସିଟିସିକୁ ମିଳିଲା ଏସିଆ ଲିଡରଶିପ୍ ଆୱାର୍ଡ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ):** ଇଣ୍ଡିଆନ ରେଲ୍‌ୱେ କ୍ୟାଟେରିଂ ଆଣ୍ଡ୍ ଟୁରିଜିମ୍ କର୍ପୋରେଶନ (ଆଇଆର୍‌ସିଟିସି) ଲିମିଟେଡ୍‌କୁ ବୁଧବାର 'ଏସିଆ ଲିଡରସିପ୍ ଆୱାର୍ଡ' ମିଳିଛି। 'ଇନୋଭେଶନ ୟୁଜିଙ୍ଗ୍ ଟେକ୍ନୋଲୋଜି' କ୍ଷେତ୍ରରେ 'ଆସ୍କ ଦିଶା' ବ୍ୟବସ୍ଥା ପାଇଁ ଏହି ଆୱାର୍ଡ଼ ମିଳିଛି। ବୁଧବାର ମୁମ୍ବାଇରେ ଆୟୋଜିତ ଉତ୍ସବରେ ଆଇଆର୍‌ସିଟିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଏହି ଆୱାର୍ଡ ଗ୍ରହଣ କରିଛନ୍ତି। 'ଆସ୍କ ଦିଶା' ହେଉଛି ଆଇଆର୍‌ସିଟିସିର ଏକ ଚାଟ୍ ବୋଟ୍, ଯାହା ଟେକ୍ସଟ ଓ ଭଏସ୍ ଜରିଆରେ ଯାତ୍ରୀଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିଥାଏ।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବାରଙ୍ଗ,୨୭।୧୧(ଡି.ଏନ୍.ଏ.):** ବାରଙ୍ଗ ଥାନା ଫକୀରପଡା ଗ୍ରାମର ସାଗର ସ୍ୱାଇଁଙ୍କ ମୃତଦେହ ବୁଧବାର ତାଙ୍କ ଶୋଇବା ଘରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଛି। ପରିବାରଲୋକ ସକାଳୁ ସାଗର ଶୋଇବାଘରୁ ଡାକିଥିଲେ ମଧ କବାଟ ନ ଖୋଲିଥିଲେ। ବହୁ ସମୟ ଧରି କବାଟ ନ ଫିଟାଇବାବେଳେ ସନ୍ଦେହ କରି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଆସି କବାଟ ଫିଟାଇବାବେଳେ ସାଗର ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ଏ ନେଇ ପୋଲିସ ନଂ. ୧୨/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପାରିବାରିକ ଅଶାନ୍ତି ଯୋଗୁ ସାଗର ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

### ଲାଞ୍ଚ ମାମଲା: ସେକ୍ସନ ଅଫିସର ଦଣ୍ଡିତ

**କଟକ ଅଫିସ,୨୭।୧୧:** ଜଗତ୍‌ସିଂହପୁରଠାରେ ଥିବା ସରକାରୀ ପଲିଟେକ୍‌ନିକ୍‌ର ସେକ୍ସନ ଅଫିସର ପ୍ରସନ୍ନ କୁମାର ମିଶ୍ର ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ପକ୍ଷରୁ ଅଭିଯୁକ୍ତ ମିଶ୍ରଙ୍କୁ ପୃଥକ୍ ଦଫାରେ ଜେଲ୍ ଓ ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ସୂଚନାଥାଉ କି, ପୂର୍ବରୁ ମିଶ୍ର ଭବାନୀପାଟଣା ସରକାରୀ ପଲିଟେକ୍‌ନିକ୍‌ରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିଲେ। ନର୍ଲା ଅଞ୍ଚଳର ଆଦିତ୍ୟ ନାରାୟଣ ମହାପାତ୍ର ନାମକ ଜଣେ ବ୍ୟକ୍ତିଙ୍କଠାରୁ ଲାଞ୍ଚ ନେଉଥିବାବେଳେ ତାଙ୍କୁ ଭିଜିଲାନ୍ସ ଗିରଫ କରିଥିଲା। ଏ ସମ୍ପର୍କରେ କୋରାପୁଟ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩/୨୦୧୭) ରୁଜୁ ହୋଇଥିଲା। ଏହି ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି ଭିଜିଲାନ୍ସ ଅଦାଲତ ରାୟ ଶୁଣାଇଛନ୍ତି। ଏହି ରାୟ ଅନୁଯାୟୀ, ମିଶ୍ରଙ୍କୁ ୧ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡ ମିଳିଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ୩ ମାସ ଜେଲ୍ ଭୋଗିବାକୁ ପଡ଼ିବ। ସେହିପରି ଅନ୍ୟ ଏକ ଦଫାରେ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲ୍ ଓ ୫ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ହୋଇଛି। ଜରିମାନା ଅନାଦାୟ ଅଭିଯୁକ୍ତଙ୍କୁ ଆଉ ୩ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟ ଦେଇଛନ୍ତି। ତେବେ ଅଭିଯୁକ୍ତଙ୍କ ବିରୋଧରେ ସମସ୍ତ ଦଣ୍ଡ ଏକକାଳୀନ ଚାଲିବ ବୋଲି ବିଚାରପତି ରାୟରେ ସ୍ପଷ୍ଟ କରିଛନ୍ତି। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ଆଶୁତୋଷ ମିଶ୍ର ମାମଲା ପରିଚାଳନା କରୁଥିଲେ।





ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ସମାରୋହର ଉଦ୍‌ଯାପନ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଜଣେ ଛାତ୍ରୀଙ୍କୁ ପଦକ ପ୍ରଦାନ କରୁଛନ୍ତି। ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ଲାଟିନମ୍ ଜୁବିଲି ଉଦ୍‌ଯାପିତ

# ବିଶ୍ୱସ୍ତରୀୟ ମାନବସମ୍ବଳ ସୃଷ୍ଟି ଉପରେ ଗୁରୁତ୍ୱ

- ବିଶ୍ୱବିଦ୍ୟାଳୟ ସମ୍ମାନ ଓ ଶୃଙ୍ଖଳାକୁ ଗୁରୁତ୍ୱ ଦେବାକୁ ଆହ୍ୱାନ
- ଉଦ୍‌ଘାଟନ ହେଲା ୬ ସେଣ୍ଟର ଅଫ୍ ଏକ୍ସଲେନ୍ସ
- ରୁରାଲ୍ ଟେକ୍ନୋଲୋଜି ପାର୍କ ଉଦ୍‌ଘାଟିତ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ବିଶ୍ୱସ୍ତରୀୟ ମାନବସମ୍ବଳ ସୃଷ୍ଟି ଉପରେ ବିଶ୍ୱବିଦ୍ୟାଳୟ ସର୍ବଦା ପ୍ରାଥମିକତା ଦେବା ଉଚିତ। ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ନେତୃତ୍ୱରେ ସାମାଜିକ ସଚେତନତା ଓ ଦାୟିତ୍ୱବୋଧ ସୃଷ୍ଟି ହେବା ଆବଶ୍ୟକ। ପ୍ରତ୍ୟେକ ଛାତ୍ରୀଛାତ୍ର ଜଣେ ଜଣେ ଆମ୍ବାସାଡାରଭାବେ ଏ ଦିଗରେ କାର୍ଯ୍ୟ କରିବା ଉଚିତ। ଏହା ହୋଇପାରିଲେ ବିଶ୍ୱବିଦ୍ୟାଳୟ ତା'ର ନାମକୁ ସାର୍ଥକ କରିପାରିବ ବୋଲି ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ କହିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ତଥା ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ୫ଦିନ ବ୍ୟାପୀ ଚାଲିଥିବା ପ୍ଲାଟିନମ୍ ଜୁବିଲି ସମାରୋହର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଯୋଗଦେଇଥିଲେ।

ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ, ଶିକ୍ଷାନୁଷ୍ଠାନର ଐତିହାସିକ ଓ ଗରିମାମୟ ଇତିହାସ ବିଷୟରେ ପ୍ରତ୍ୟେକ ଛାତ୍ରୀଛାତ୍ର ଜାଣିବାର ସମୟ ଆସିଛି। ଗର୍ବରେ ନିଜକୁ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର କହିବାସହ ଏଭଳି ଏକ ଶିକ୍ଷାନୁଷ୍ଠାନର ସେମାନେ ପ୍ରକୃତ ଡିଏନ୍‌ଏ ବୋଲି ଗର୍ବ କରିବା ଉଚିତ। ବିଶ୍ୱବିଦ୍ୟାଳୟର ସମ୍ମାନ ଓ ଶୃଙ୍ଖଳାକୁ ସମସ୍ତେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୌମେନ୍ଦ୍ର ମୋହନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କୁଳସଚିବ ଦୟାନିଧି ନାୟକ ବାର୍ଷିକ ବିବରଣୀ ଦେଇଥିଲେ। ଶିକ୍ଷାଦାନ ଏବଂ ପରୀକ୍ଷା ପରିଚାଳନାରେ ବ୍ୟାପକ ସଂସ୍କାର ହୋଇଛି। ପରୀକ୍ଷା ଖାତାର ଡିଜିଟାଲ ମୂଲ୍ୟାୟନ ଦିଗରେ ପଦକ୍ଷେପ ନିଆଯାଇଛି। ଅନ୍ୟ ରାଜ୍ୟର ଛାତ୍ରୀଛାତ୍ରଙ୍କୁ ଆକୃଷ୍ଟ କରିବା ଲାଗି ଦିଲ୍ଲୀ, ହାଇଦ୍ରାବାଦ, ଗୁଆହାଟୀରେ ପରୀକ୍ଷା କେନ୍ଦ୍ର କରାଯାଇଛି। ଗବେଷଣା କ୍ଷେତ୍ରରେ ବିଶ୍ୱବିଦ୍ୟାଳୟକୁ ଅନେକ ସଫଳତା ମିଳିଛି। ଚଳିତବର୍ଷ ବିଶ୍ୱବିଦ୍ୟାଳୟରେ ବି.ଏଡ୍, ଏମ୍.ଏଡ୍ ଓ ନର୍ସିଂ ପାଠ୍ୟକ୍ରମ ଖୋଲିବା ସହ ଅଧ୍ୟାପକଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ଅହିଂସାସ୍ଥଳ ପ୍ରତିଷ୍ଠା ଏବଂ ଦ୍ୱିତୀୟ କ୍ୟାମ୍ପସକୁ ସୁଦୃଢ଼ କରାଯିବା ଭଳି ଏକାଧିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କୁଳସଚିବ ନାୟକ କହିଥିଲେ। ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ସବିତା ଆଚାର୍ଯ୍ୟ ପ୍ରାରମ୍ଭିକ ଅଭିଭାଷଣ ଦେଇଥିଲେ।

#### ୭ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ

ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ଅବସରରେ ୭ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ସହ ମୋଟ ୩୬ ମେଧାବୀଙ୍କୁ ପୁରସ୍କୃତ କରାଯାଇଥିଲା। ଅର୍ଥନୀତି ବିଭାଗର ଶୁଭଲକ୍ଷ୍ମୀ ପାଣିଗ୍ରାହୀ, ରାଜନୀତି ବିଜ୍ଞାନର ଦୀପା ଶତ୍ରୁଶଲ୍ୟ, ଜିଓଲୋଜିର ବିଦିଶା ଚାନ୍ଦ, ୟୁନିଭର୍ସିଟି ଲ' କଲେଜର ଏ. ଗୀତାଞ୍ଜଳି ନାଇଡୁ, କଟକସ୍ଥିତ ମଧୁସୂଦନ ଲ' କଲେଜର ମୋନାଲିସା ପ୍ରଧାନ, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବିଭୂତି ଭୂଷଣ ସାହୁ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ଛାତ୍ରୀ ଇପ୍‌ସିତା ଅଭିନନ୍ଦିତା ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିଲା। ଏହାସହ ସାହସିକତା ପାଇଁ ଦୁଇ ଜଣ କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ଏହି ଅବସରରେ ରାଜ୍ୟପାଳ ୬ଟି ସେଣ୍ଟର ଅଫ୍ ଏକ୍ସଲେନ୍ସର ଏକାଡେମିକ୍ ଅଫିସ, ରୁରାଲ୍ ଟେକ୍ନୋଲୋଜି ପାର୍କ ଉଦ୍‌ଘାଟନ କରିଥିଲେ।

# ହଷ୍ଟେଲରୁ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

- ମୋବାଇଲରେ ଲାଇଭ୍ ଭିଡିଓ
- ହତ୍ୟା ଅଭିଯୋଗ
- ପରିବାର-କଲେଜ କର୍ତ୍ତୃପକ୍ଷ ମୁହାଁମୁହିଁ: ଉତ୍ତେଜନା
- ୯ଘଣ୍ଟା ପରେ ଉଠିଲା ମୃତଦେହ



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

**ପୁରୀ ଅଫିସ, ୨୭।୧୧**

ସମୁଦ୍ର କୂଳ ଥାନା ଅଧୀନ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନ ସଦାଶିବ କ୍ୟାମ୍ପସ୍‌ର ପେଣ୍ଠକଟାସ୍ଥିତ ବାଲ୍ମୀକି ଛାତ୍ରାବାସରୁ ବୁଧବାର ଜଣେ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଜଣେ ପ୍ରାକ୍ ଶାସ୍ତ୍ରୀ (ଯୁକ୍ତ ଦୁଇ) ପ୍ରଥମ ବର୍ଷର ଛାତ୍ର (୧୬)। ତାଙ୍କ ଘର କଟକ ଜିଲାରେ ବୋଲି ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରୁ ଏକ ମୋବାଇଲ ଫୋନ୍ ଜବତ କରିଛି। ଏଥିରେ ଛାତ୍ରଜଣକ ପଙ୍ଖାରେ ବେଡ୍‌ଶିଟ୍ ବାନ୍ଧି ଆତ୍ମହତ୍ୟା କରୁଥିବା ବେଳର ଭିଡିଓ ରହିଛି ବୋଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି। ହଷ୍ଟେଲ ଅଧୀକ୍ଷକ ଡ. ଉମେଶ ଚନ୍ଦ୍ର ମିଶ୍ରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅନ୍ୟପକ୍ଷରେ ପରିବାରବର୍ଗ ହତ୍ୟା ଅଭିଯୋଗ ଆଣି ତୁରନ୍ତ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଘଟଣାକୁ ନେଇ ପରିବାରବର୍ଗ ଓ କଲେଜ କର୍ତ୍ତୃପକ୍ଷ ମୁହାଁମୁହିଁ ହେବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାର ଲୋକଙ୍କ ସହିତ କଲେଜ ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ମହାପାତ୍ର ଆଲୋଚନା କରିଥିଲେ। ଏହାପରେ ରାତି ପ୍ରାୟ ୮ଟାରେ ଅର୍ଥାତ୍ ମୃତ୍ୟୁର ୯ ଘଣ୍ଟା ପରେ ମୃତଦେହ ଉଠିଥିଲା।

ଛାତ୍ରଜଣକ ବୁଧବାର ସକାଳେ କଲେଜକୁ ଯାଇଥିଲେ। କ୍ଲାସ ସରିବା ପରେ ଲାଇବ୍ରେରିକୁ ଯାଇଥିଲେ। ସେଠାରୁ ପୂର୍ବାହ୍ନ ୧୧ଟା ସୁଦ୍ଧା ହଷ୍ଟେଲକୁ ଫେରି ଆସିଥିଲେ ବୋଲି ତାଙ୍କର ଜଣେ ରୁମ୍‌ମେଟ୍ ପୋଲିସକୁ କହିଛନ୍ତି। ରୁମ୍‌ମେଟ୍ ଜଣକ ଫେରିବା ପରେ ଭିତରପଟୁ ରୁମ୍ ବନ୍ଦ ଥିବା ଓ ବାରମ୍ବାର ଡାକିବା ସତ୍ତ୍ୱେ କବାଟ ଖୋଲି ନ ଥିଲେ। ଅନ୍ତେବାସୀଙ୍କୁ ଜଣାଇବା ପରେ ଖବର ପାଇ ହଷ୍ଟେଲ ଅଧୀକ୍ଷକ ମିଶ୍ର କବାଟ ଭାଙ୍ଗିବାକୁ କହିଥିଲେ। କେତେଜଣ ଛାତ୍ର କବାଟ ଭାଙ୍ଗିବା ପରେ ପଙ୍ଖାରେ ଛାତ୍ରଜଣକ ମୃତାବସ୍ଥାରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୋଲିସକୁ ଖବର ଦିଆଯାଇଥିଲା। ହଷ୍ଟେଲ ଅଧୀକ୍ଷକ ମିଶ୍ର କହିଛନ୍ତି, ପୂର୍ବାହ୍ନ ୧୦ଟାରେ ସମସ୍ତ ଅନ୍ତେବାସୀ କଲେଜକୁ ଚାଲିଯାଇଥିଲେ। ଅପରାହ୍ନରେ କେତେଜଣ ଛାତ୍ର ଆସି ଏ ସମ୍ପର୍କରେ ମୋତେ ଖବର ଦେଇଥିଲେ। ଉକ୍ତ ଛାତ୍ରଙ୍କର କୌଣସି ଝିଅ ସହିତ ପ୍ରେମ ସମ୍ପର୍କ ରହିଥିବା ଜାଣିବା ପରେ ତାଙ୍କୁ ତାଗିଦ୍ କରିଥିଲି। ପାଠପଢାରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲି। ସେହିପରି କେତେଜଣ ଛାତ୍ର ଗଣମାଧ୍ୟମକୁ କହିଛନ୍ତି, ଜନୈକା ଯୁବତୀଙ୍କ ସହିତ ଉକ୍ତ ଛାତ୍ରଙ୍କ ପ୍ରେମ ସମ୍ପର୍କ ରହିଥିଲା। ଉଭୟ ପରସ୍ପରକୁ ଭଲ ପାଉଥିଲେ। ଏ ସମ୍ପର୍କରେ ଯୁବତୀଙ୍କ ପରିବାର ଲୋକେ ଜାଣିବା ପରେ ଛାତ୍ରଙ୍କୁ ତାଗିଦ୍ କରିଥିଲେ। ଏଥିଯୋଗୁ ସେ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିଲେ। ରୁମ୍‌ମେଟ୍ ଜଣକ କହିଛନ୍ତି, ଉକ୍ତ ଛାତ୍ରଙ୍କ ବାପା ମଧ୍ୟାହ୍ନ ୧୨.୫୯ରେ ଫୋନ କରିଥିଲେ। ତାଙ୍କ ପୁଅ ଭୁଲ ରାସ୍ତାରେ ଯାଉଛି, ତାଙ୍କ ଉପରେ ନଜର ରଖିବାକୁ ତାଙ୍କୁ କହିଥିଲେ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ମୃତ ଛାତ୍ରଙ୍କ ବାପା କହିଛନ୍ତି, ତାଙ୍କ ପୁଅକୁ ଯୋଜନାବଦ୍ଧ ଭାବେ ମାରି ଦିଆଯାଇଛି। ଯଦି ତାଙ୍କ ପୁଅ ଆତ୍ମହତ୍ୟା କରିଛନ୍ତି ତା'ହାଲେ ତାଙ୍କୁ କାହିଁକି ମେଡିକାଲକୁ ନିଆଗଲା ନାହିଁ। ତାଙ୍କ ପୁଅ ମୃତ ବୋଲି କର୍ତ୍ତୃପକ୍ଷ କିପରି ଜାଣିଲେ। ସେହିପରି କଲେଜରେ ତାଙ୍କ ପୁଅକୁ କେଉଁମାନେ ଭେଟିଥିଲେ ଓ କ'ଣ ଧମକଚମକ ଦେଇଥିଲେ ତାହା ଜାଣିବା ପାଇଁ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଛନ୍ତି। କଲେଜ ଅଧ୍ୟକ୍ଷ ମହାପାତ୍ର ସିସିଟିଭି ଫୁଟେଜ ଯାଞ୍ଚ ସହ କେଉଁମାନେ ଉକ୍ତ ଛାତ୍ରଙ୍କୁ ଭେଟିଥିଲେ ସେନେଇ ତଥ୍ୟ ସଂଗ୍ରହ କରାଯିବ ବୋଲି କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

### ଲାଇସେନ୍ସ ପାଇଁ ରାତିରୁ ଲାଇନ୍



ଡିସେମ୍ବର ୧ରୁ ନୂଆ ମୋଟର ଯାନ ଆଇନ କଡ଼ାକଡ଼ି ଲାଗୁ ହେବ। ସମୟ ନ ଥିବାରୁ ଡ୍ରାଇଭିଂ ଲାଇସେନ୍ସ ସହ ଗାଡ଼ିର କାଗଜପତ୍ର କରିପାରି ନ ଥିବା ଲୋକଙ୍କ ମନରେ ଛନକା ପଶିଛି। ରାଜ୍ୟର ବିଭିନ୍ନ ଆର୍‌ଟିଓ ଅଫିସରେ ପ୍ରବଳ ଭିଡ଼ ଓ ନାନା ଅବ୍ୟବସ୍ଥା ଯୋଗୁ ଲୋକେ ଦିନ ତମାମ ଭୋକ ଉପାସରେ ଧାଡ଼ିରେ ରହି ନିରାଶରେ ଫେରୁଛନ୍ତି। ଏ ପରିସ୍ଥିତିରେ ଭୁବନେଶ୍ୱରସ୍ଥିତ ଓଏସ୍‌ଆର୍‌ଟିସି କାର୍ଯ୍ୟାଳୟ ପରିସରରେ ଖୋଲିଥିବା ଅସ୍ଥାୟୀ ଡ୍ରାଇଭିଂ ଲାଇସେନ୍ସ କେନ୍ଦ୍ରରେ ସକାଳୁ ଆବେଦନ ଓ ଲର୍ନିଂ ପାଇଁ ରାତିରୁ ଧାଡ଼ିରେ ଶୋଇ ରହିଛନ୍ତି। (ଫଟୋ– ମୌସମ ନନ୍ଦ)

### ବ୍ରାଉନସୁଗାର ଜବତ, ୩ ଗିରଫ

**ପାତ୍ରପଡା, ୨୭।୧୧ (ଡି.ଏନ.ଏ.):** କଳିଙ୍ଗନଗରରୁ ୩୦ ଗ୍ରାମ ବ୍ରାଉନସୁଗାର ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଖୋର୍ଦ୍ଧା କୁମାରବସ୍ତର ସୁଜିତ୍ ବଡଜେନା, ଗୁରୁଜଙ୍ଗର କପିଳ ସୁନ୍ଦରାଏ, ଖଣ୍ଡଗିରି ଟେମ୍ପୁଲ କଲୋନୀର ଶିବ ନାଏକ।

### ଏସ୍‌ସିବି ମେଡିକାଲରେ ସୋଟୋ କାର୍ଯ୍ୟାଳୟ ଉଦ୍‌ଘାଟିତ

# ଖୁବ୍‌ଶୀଘ୍ର କାଡାଭରିକ ଟ୍ରାନ୍ସପ୍ଲାଣ୍ଟ

**କଟକ ଅଫିସ,୨୭।୧୧**

ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ବୁଧବାର ଏସ୍‌ସିବି ମେଡିକାଲର ନେଫ୍ରୋଲୋଜି ବିଭାଗରେ ସୋଟୋ (ଷ୍ଟେଟ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ) କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଦା, ଡିଏମ୍‌ଇଟି ପ୍ରଫେସର ସିବିକେ ମହାନ୍ତି ଓ ବିଧାୟକ ସୌଭିକ ବିଶ୍ୱାଳ ଯୋଗଦେଇଥିଲେ। ଗତ ସେପ୍ଟେମ୍ବରରୁ ଯଦିଓ ସୋଟୋ କାର୍ଯ୍ୟ କରୁଛି, କିନ୍ତୁ ବୁଧବାରଠାରୁ ଆନୁଷ୍ଠାନିକ ଭାବେ କାର୍ଯ୍ୟାରମ୍ଭ ହେଲା ବୋଲି ନେଫ୍ରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ତଥା କାଡାଭରିକ ଟ୍ରାନ୍ସପ୍ଲାଣ୍ଟର ନୋଡାଲ ଅଫିସର ପ୍ରଫେସର ଚିତ୍ତରଞ୍ଜନ କର କହିଛନ୍ତି। ଡା. କରଙ୍କ ସୂଚନା ଅନୁଯାୟୀ, ଗତ ଦିନଗୁଡିକରେ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି ଯେ ଦେଶରେ ପ୍ରତିବର୍ଷ ଅଙ୍ଗ ଅଭାବରୁ ୫ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟୁଛି। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ଲୋକ ଲିଭର୍‌ଜନିତ ଓ ୫୦ହଜାର ହୃଦ୍‌ରୋଗୀ ରହିଛନ୍ତି। ପ୍ରତିବର୍ଷ ଦେଢ ଲକ୍ଷ ରୋଗୀ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଅପେକ୍ଷାରେ ଥିବାବେଳେ ସେମାନଙ୍କ ମଧ୍ୟରୁ ୬ରୁ ୭ ହଜାର ରୋଗୀଙ୍କର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ କରାଯାଉଛି। ତେଣୁ କାଡାଭରିକ (ମସ୍ତିଷ୍କ ମୃତ) ରୋଗୀଙ୍କଠାରୁ ଅଙ୍ଗ ଅଣାଯାଇ ଏହି ରୋଗୀମାନଙ୍କୁ ନୂଆ ଜୀବନ ଦେଇ ହେବ ବୋଲି ଡା. କର କହିଛନ୍ତି। ଅଙ୍ଗ ବ୍ୟବସାୟକୁ ରୋକିବା ପାଇଁ ସରକାର ନୋଟୋ (ନ୍ୟାଶନାଲ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ) ଗଠନ କରିଛନ୍ତି। ନୋଟୋ ଅଧୀନରେ ରୋଟୋ (ରିଜିଓନାଲ ଅର୍ଗାନ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ) କାର୍ଯ୍ୟ କରୁଛି। ରୋଟୋ ଅଧୀନରେ ସୋଟୋ ପ୍ରତିଷ୍ଠା କରାଯାଇଛି। ଦେଶର ଦକ୍ଷିଣାଞ୍ଚଳର କେତେକ ରାଜ୍ୟ ସମେତ ଗୁଜରାଟରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ କରାଯାଉଛି। ଖୁବ୍‌ଶୀଘ୍ର ଏସ୍‌ସିବି ମେଡିକାଲରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ କରାଯିବ ବୋଲି ଜଣାପଡ଼ିଛି। ଏସ୍‌ସିବି ମେଡିକାଲର ଉଦାହରଣ ଦେଇ ଡା. କର କହିଛନ୍ତି, ଦିନକୁ ଅତିକମ୍‌ରେ ୧୦ ଜଣ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଏସ୍‌ସିବି ମେଡିକାଲକୁ ଆସୁଛନ୍ତି। ଏହି ହାରରେ ଦେଖିଲେ ମାସକୁ ୩୦୦ କିଡ୍‌ନୀ ରୋଗୀ ମେଡିକାଲକୁ ଆସୁଥିବା ସେ ସୂଚନା ଦେଇଛନ୍ତି। ତେଣୁ ମେଡିକାଲରେ କାଡାଭରିକ ଟ୍ରାନ୍ସପ୍ଲାଣ୍ଟ ଆରମ୍ଭ କରାଯିବା ଦ୍ୱାରା କିଡ୍‌ନୀ ଓ ଅନ୍ୟାନ୍ୟ ଅଙ୍ଗ ନ ପାଇ ମୃତ୍ୟୁବରଣ କରୁଥିବା ରୋଗୀ ନୂଆ ଜୀବନ ପାଇବେ ବୋଲି ଡିଏମ୍‌ଇଟି ପ୍ରଫେସର ମହାନ୍ତି କହିଛନ୍ତି।




ଏସ୍‌ସିବି ମେଡିକାଲ୍‌ରେ ବିଶ୍ୱ ଅଙ୍ଗଦାନ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିବୃନ୍ଦ।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

